## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ପ୍ଲାଟିନମ୍ ଜୁବିଲି ମହୋତ୍ସବ ଉଦ୍‌ଘାଟନ
ସ୍ଥାନ: ଜବାହରଚୌକ ପୂଜା ମଣ୍ଡପ
ସମୟ: ସନ୍ଧ୍ୟା ସାଢ଼େ ୬ଟା।

■ଲକ୍ଷ୍ମୀବଜାରର ଦଧିଅନ୍ନ ପ୍ରସାଦ ସେବନ ଉତ୍ସବ
ସ୍ଥାନ: ଗୋପୀନାଥ ଗାର୍ଡେନ
ସମୟ: ଅପରାହ୍ନ ୧ଟା।

■ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନ
ସ୍ଥାନ: ସ୍ୱପ୍ନେଶ୍ୱର ବଜାର, କୋରିଆଁ
ସମୟ: ସନ୍ଧ୍ୟା ସାଢ଼େ ୬ଟା।

■ଲୋକକଳା ମହୋତ୍ସବ ଉଦ୍‌ଘାଟନ ଉତ୍ସବ
ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଏବଂ ସରସମେଳା ପଡ଼ିଆ
ସମୟ: ପୂର୍ବାହ୍ନ ୯ଟା।

■୪ର୍ଥ ଦିନରେ ଲକ୍ଷ୍ମୀ ପୂଜାଉତ୍ସବ

# ବଢୁଛି ଭିଡ଼, ଜମୁଛି ପୂଜା

**ଢେଙ୍କାନାଳ ଅଫିସ, ୧୬।୧୦**

କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ଐତିହ୍ୟ,ପରମ୍ପରା ଏବଂ କିମ୍ବଦନ୍ତୀକୁ ଆଧାର କରି ହେଉଥିବା ଏହି ପୂଜା ଉତ୍ସବ ସାରା ରାଜ୍ୟରେ ସ୍ୱତନ୍ତ୍ରତା ହାସଲ କରିଛି। ଚଳିତ ବର୍ଷ ଅନୁକୂଳ ପାଗ ଥିବାରୁ ପୂଜା ବଜାରର ଭରପୂର ମଜା ଉଠାଉଛନ୍ତି ଶ୍ରଦ୍ଧାଳୁ।

ଐତିହ୍ୟ ସମ୍ପନ୍ନ ଲକ୍ଷ୍ମୀପୂଜା ବୁଧବାର ୪ର୍ଥ ଦିନରେ ପହଞ୍ଚିଛି। ୧୧ଦିନ ବ୍ୟାପୀ ଆୟୋଜିତ ପୂଜା ଉତ୍ସବ ପାଇଁ ଏକାକାର ହୋଇପଡ଼ିଛନ୍ତି ସହରବାସୀ। ପୂଜା କମିଟିଗୁଡ଼ିକ ପକ୍ଷରୁ ମଧ୍ୟ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଚଳିତ ବର୍ଷ ପ୍ରତିଯୋଗିତାମୂଳକ ପୂଜାକୁ ଓହ୍ଲାଇଛନ୍ତି ୩୮ ପ୍ରତିଷ୍ଠାନ। ସହରର ପ୍ରବେଶ ଦ୍ୱାର କଲେଜ ବାଇପାସ୍, ମହିଷାପାଟ ବାଇପାସ୍, କଣ୍ଟାନାଳୀ ବାଇପାସ, କୋରିଆଁ ବାଇପାସ୍, ରାମେଶ୍ୱରପୁର ଓଭରବ୍ରିଜ୍ ଠାରୁ ସହରର ପ୍ରମୁଖ ବଜାର ଆଲୋକ ବର୍ଣ୍ଣାଳୀରେ ଝଲସୁଛି। ସହର ଭିତରେ ୩୫୦ଟି



ଜବାହରଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ନିର୍ମିତ ସୁଦୃଶ୍ୟ ତୋରଣ।

ଅତ୍ୟାଧୁନିକ ବୈଦ୍ୟୁତିକ ତୋରଣ କରାଯାଇଛି।

ଗଣେଶ ବଜାର, ଲକ୍ଷ୍ମୀବଜାର, ଜବାହରଚୌକ, ମିନାବଜାର, କାଞ୍ଚନବଜାର, ଗୁଡ଼ିଆନାଳୀ, ବସ୍‌ଷ୍ଟାଣ୍ଡ, କଲେଜ ଛକ, ବାଜିଚୌକ ପୂଜା ମଣ୍ଡପ ପକ୍ଷରୁ ତିଆରି କରାଯାଇଥିବା ତୋରଣ ବେଶ୍ ମନଲୋଭା ହୋଇଛି। ମିନାବଜାର, ଗଣେଶ ବଜାର, କୈବଲ୍ୟ ବଜାର, ଗୁଡିଆନାଳୀ ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼ ଦେଖିବାକୁ ହଜାର ହଜାର ଲୋକଙ୍କ ସାମଗମ ହେଉଛି। ମହାବୀର ବଜାର, ଜବାହରଚୌକ, ବାଜିଚୌକ, ଆନନ୍ଦ ବଜାର, ଲକ୍ଷ୍ମୀବଜାର, କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପୌରାଣିକ କଥାବସ୍ତୁକୁ ମଣ୍ଡପରେ ସ୍ଥାନିତ କରାଯାଇଛି। ତଦନୁଯାୟୀ ଅଳଙ୍କାରରେ ମା'ଙ୍କ ପ୍ରତିମା ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ସାଜସଜ୍ଜା କରାଯାଇଛି। ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କଳାକୁଞ୍ଜଗୁଡ଼ିକ ବେଶ୍ ଜୀବନ୍ତ ହୋଇଛି। ଚଳିତବର୍ଷ ଅଧିକାଂଶ ପୂଜା ମଣ୍ଡପକୁ ପ୍ଲାଷ୍ଟିକ୍ ଫ୍ରି ଜୋନ୍ କରାଯାଇଛି। ସଚେତନତା ବାର୍ତ୍ତା ମାଧ୍ୟମରେ ପ୍ଲାଷ୍ଟିକ ବର୍ଜନ କରିବାକୁ ବାର୍ତ୍ତା ଦିଆଯାଉଛି।

ଗୁଡ଼ିଆନାଳୀ, ରଥଗଡା ଓ ସରସମେଳା ପଡ଼ିଆ ନିକଟରେ ବିଭିନ୍ନ କିସମର ଦୋଳି ପଡ଼ିଛି। ଏହାର ମଜା ନେବାକୁ ସବୁ ବର୍ଗର ଲୋକଙ୍କ ଭିତରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। ପୂଜା ବଜାରରେ କଟକ ଚାଟ୍, ଦହିବରା ଆଳୁଦମ୍, ଠୁଙ୍କାପୁରି, ଢାକାଇ ପୁରି, ମଥୁରା କେକ୍, ଢେଙ୍କାନାଳ ବରା, ମାଲପୁଆ ଡାଲମା, ଫାଷ୍ଟଫୁଡ୍ ଖାଦ୍ୟ ଷ୍ଟଲ୍‌ଗୁଡ଼ିକରେ ନାହିଁ ନ ଥିବା ଭିଡ଼ ଜମୁଛି। ସହରର ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀମାନେ ନିଜର ପସରା ମେଲାଇ ବସିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ୧୫ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି।

■ଗୋ-ଚାଲାଣ ବେଳେ ମାଡ଼ିଗଲା ଟ୍ରକ୍

# ୪ ଗୋରୁ ମୃତ, ୪ ଗୁରୁତର

**ପରଜଙ୍ଗ, ୧୬।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର କୁଲେଇ-ବଅଁରପାଳ ଛକ ନିକଟରେ ମଙ୍ଗଳବାର ଗୋ-ଚାଲାଣ ବେଳେ ଦୁର୍ଘଟଣା ଘଟିଛି। ଟ୍ରକ୍ ମାଡ଼ିଯିବାରୁ ଏକ ଷଣ୍ଢ ସମେତ ୪ ଗୋରୁଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୪ ଗୋରୁ କ୍ଷତାକ୍ତ ହୋଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ବ୍ୟବସାୟୀ ଶ୍ରମିକଙ୍କ ସହାୟତାରେ ରାସ୍ତାରେ ଚଲାଇ ଚଲାଇ ଗୋରୁ ଚାଲାଣ କରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଏକ ଟ୍ରକ୍ ଆସି ଗୋରୁ ପଲ ଉପରେ ଚଢ଼ିଯାଇ ପଳାଇଯାଇଥିଲା। ରାସ୍ତାରେ ପଡ଼ି ଗୋରୁମାନେ ଛଟପଟ ହେଉଥିବାବେଳେ ଧରାପଡ଼ିବା ଭୟରେ ବ୍ୟବସାୟୀମାନେ ଚମ୍ପଟ ମାରିଥିଲେ। ବୁଧବାର ମଧ୍ୟାହ୍ନ ଯାଏ ମୃତ ଏବଂ ଆହତ ଗୋରୁଗୁଡ଼ିକ ରାସ୍ତାରେ ପଡ଼ି ରହିଥିବାବେଳେ ପୋଲିସ ପହଞ୍ଚି ନ ଥିବା ଅଞ୍ଚଳବାସୀ କହିଛନ୍ତି। ଫାଣ୍ଡି ଅଧିକାରୀ ସମରଜିତ ନାୟକ ରାସ୍ତାରେ ଗୋରୁ ମରିପଡ଼ିଥିବା ସୂଚନା ମିଳିଥିବା ସ୍ୱୀକାର କରିଛନ୍ତି। ହେଲେ ଉକ୍ତ ରାସ୍ତା ଦେଇ ଗୋରୁ ଚାଲଣ ହେଉଥିବା ନେଇ ତାଙ୍କ ପାଖରେ ଖବର ନ ଥିବା ସେ କହିଛନ୍ତି। ଏ ନେଇ ପରଜଙ୍ଗ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ (ବିଭିଓ) କୁହନ୍ତି, ଏମ୍‌ପି ମହେଶ ସାହୁଙ୍କ ପିଏସ୍‌ଓଙ୍କଠାରୁ ସୂଚନା ପାଇ ଆହତ ଗୋରୁଙ୍କୁ ଚିକିତ୍ସା କରାଯାଇଛି। ମୃତ ଗୋରୁକୁ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ପୋତି ଦିଆଯାଇଛି। ହେଲେ ଏ କ୍ଷେତ୍ରରେ ପୋଲିସ କୌଣସି ସହଯୋଗ କରି ନ ଥିବା ସେ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଏ ନେଇ ସରପଞ୍ଚ ପ୍ରଦୀପ ବେହେରା କୁହନ୍ତି, ନିହଳପ୍ରସାଦ ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୬ ଗୋରୁ ଭର୍ତ୍ତି କଣ୍ଟେନର ଜବତ କରିବା ପରେ ଗୋରୁ ବ୍ୟବସାୟୀମାନେ ସେମାନଙ୍କ ଯୋଜନା ବଦଳାଇ ଦେଇଛନ୍ତି। ଏବେ ପରଜଙ୍ଗ ଦେଇ କେନ୍ଦୁଝରକୁ ଗୋ-ଚାଲାଣ କରାଯାଉଛି। ଏ ଦିଗରେ ପୋଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗାଁରେ ପଶିଲା ହାତୀ



**ପରଜଙ୍ଗ, ୧୬।୧୦(ଡି.ଏନ୍.ଏ.):** ପରଜଙ୍ଗ ଗ୍ରାମ ଭିତରକୁ ପଶିଆସିଥିବା ଏକ ମାଈହାତୀକୁ ନେଇ ବୁଧବାର ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ହାତୀଟି ୫୩ନଂ. ଜାତୀୟ ରାଜପଥ ଦେଇ ଖଣ୍ଡିଆବନ୍ଧ ହୁଡ଼ାରେ ପହଞ୍ଚିଥିଲା। ଉକ୍ତ ସମୟରେ ପୋଖରୀରେ ଗାଧୋଉଥିବା ଲୋକେ ହାତୀକୁ ଦେଖି ଭୟଭୀତ ହୋଇଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ହାତୀଟି ବୃନ୍ଦାବନପୁର ସାହି ପାରହୋଇ ଡିହତୋଳ ଛକ ଦେଇ ବାରବାଙ୍କ ଜଙ୍ଗଲକୁ ଚାଲିଯାଇଥିଲା। ରେଞ୍ଜର ସୁବ୍ରତ ବେହେରାଙ୍କଠାରୁ ସୂଚନା ପାଇ ହାତୀ ସ୍କ୍ୱାଡ୍ କର୍ମଚାରୀ ପହଞ୍ଚି ହାତୀ ଗତିବିଧି ଉପରେ ନଜର ରଖିଥିଲେ। ପରଜଙ୍ଗ ଅଞ୍ଚଳରେ ୭୧ ଟିକିଆ ହାତୀପଲ ବିଭିନ୍ନ ପଲରେ ବିଭକ୍ତ ହୋଇ ବିଚରଣ କରୁଛନ୍ତି। ସେମାନେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ପୋଖରୀରେ ବୁଡ଼ି ମହିଳା ମୃତ

**କାମାକ୍ଷାନଗର, ୧୬।୧୦(ଡି.ଏନ.ଏ.):** କାମାକ୍ଷାନଗର ଥାନା କାଦୁଆ ଗ୍ରାମର ସୌଦାମିନୀ ପୃଷ୍ଟି (୪୩)ଙ୍କ ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ସକାଳେ ବୁଡ଼ିବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ନଂ.୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଫାଇନାନ୍ସ କର୍ମଚାରୀଙ୍କୁ ଭୁଜାଲି ଦେଖାଇ ଦେଢ଼ ଲକ୍ଷ ଲୁଟ୍

**ସୋର,୧୬।୧୦(ଡି.ଏନ.ଏ.)** ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏକ ସପ୍ତାହ ମଧ୍ୟରେ ୫ଟି ଲୁଟ୍ ହୋଇଥିବା ଜଣାପଡ଼ିଛି। ବୁଧବାର ଅପରାହ୍ନରେ ସୋର ଥାନା ଅଧୀନ ନୂଆସାହିରେ ଥିବା ଏସ୍‌କେଏସ୍ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀକୁ ଭୁଜାଲି ଦେଖାଇ ମାଡ଼ ମାରି ତାଙ୍କଠାରୁ ୧ଲକ୍ଷ ୫୦ହଜାର ଟଙ୍କା ଲୁଟି ନିଆଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅବିନାଶ ଦିକ୍ଷିତ ନାମକ ଏହି କର୍ମଚାରୀ ଶିଙ୍ଗାଖୁଣ୍ଟା ନୂଆଶାସନ ରାସ୍ତା ଦେଇ ବାଇକ୍‌ରେ ଯାଉଥିବାବେଳେ ୨ଜଣ ଯୁବକ ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ମୋଟରସାଇକେଲ ଡିଜି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ପୋଲିସ ଏ ନେଇ ତଦନ୍ତ ଚଳାଇଥିବା କହିଛି।

### ଚୋରା ପଥର ଓ ମୋରମ ଖାଦାନ ଉପରେ ଚଢ଼ାଉ

**ସଜନାଗଡ଼,୧୬।୧୦(ଡି.ଏନ.ଏ.)** ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ବାଘମରା, ବେଗୁନିଆ ଆଦି ସ୍ଥାନରେ ଥିବା ଚୋରା ପଥର ଓ ମୋରମ ଖାଦାନ ଉପରେ ବୁଧବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଖାଦାନ ମାଲିକମାନେ କୌଣସି ସୂତ୍ରରୁ ଖବର ପାଇଁ ନିଜର ଗାଡ଼ି ଓ ମେସିନ୍‌କୁ ଉଠାଇ ନେଇ ପଳାଇଯାଇଥିଲେ।

■ଜୀବନବିନ୍ଦୁ କାର୍ଯ୍ୟକ୍ରମ

# ୨୫୨ ୟୁନିଟ୍ ରକ୍ତ ସଂଗ୍ରହ



ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ବିଜେଡି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୬।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମ ଦିବସ ଅବସରରେ ଢେଙ୍କାନାଳ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ରାଜ୍ୟ ବିଜେଡି କାର୍ଯ୍ୟାଳୟକୁ ମିଶାଇ ରାଜ୍ୟର ୫୯ ସ୍ଥାନରେ ଏଭଳି ଶିବିର ଆୟୋଜନ କରାଯାଇଛି। ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ବିଧାୟକ ସୁଧୀର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଜିଲା ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ପି.କେ. ମଲ୍ଲିକ, ଡା. ପ୍ରେମାନନ୍ଦ ସାହୁ, ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ ଦାସ, ରାକେଶ ବେହେରା, ବରୁଣ ସାହୁ, ତପନ ଜେନା, ଅଜୟ ସ୍ୱାଇଁ, ପିଣ୍ଟୁ ଜେନା, ଷ୍ଟାଫ୍‌ନର୍ସ ମାଳତୀଲତା ନାୟକ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଜୀବନବିନ୍ଦୁ ଜିଲା ସଂଯୋଜକ ଦେବୀ ପ୍ରସାଦ ଭୂତିଆ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ଇନ୍ଦ୍ରମଣି ବେହେରା, ହର୍ଷବର୍ଦ୍ଧନ ସିଂଦେଓ, ବିନୋଦ ମହାନ୍ତି, ଶ୍ରୀକାନ୍ତ ଧଳ, ହରିହର ପଣ୍ଡା, ସୁରଜ ମହାପାତ୍ର, ସାଇଶ୍ରୀ ପଟ୍ଟନାୟକ, ଉର୍ବଶୀ ମହାପାତ୍ର, ଶଶିକାନ୍ତ ମିଶ୍ର, ସଞ୍ଜୟ ମଲ୍ଲିକ, ରୁଦ୍ରାନ୍ତ ଦଳେଇ, ଶୁଭକାନ୍ତ ପଣ୍ଡା, ରଞ୍ଜନ ନାୟକ, ଗଙ୍ଗାଧର ରାଉତଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଶ୍ୱ ଖାଦ୍ୟ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧୬।୧୦**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉପ୍ଫୁନା କାର୍ଯ୍ୟାଳୟ ପରିସରରେ ବୁଧବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିରଞ୍ଜନ ଦାସ ଯୋଗଦେଇ କହିଲେ, ବିଶ୍ୱରେ ବର୍ତ୍ତମାନ ଖାଦ୍ୟ ସଙ୍କଟ ଦେଖାଦେଇଛି। ଲୋକଙ୍କୁ ସୁଷମ ଖାଦ୍ୟ ଯୋଗାଇବା ପାଇଁ ଜାତିସଂଘ ପକ୍ଷରୁ ଉଦ୍ୟମ ଜାରିରହିଛି। ଏଥିପାଇଁ ଲକ୍ଷାଧିକ ଭୋକିଲା ପରିବାର ଉପକୃତ ହେଉଛନ୍ତି। ଏପରି ମହତ୍ କାମ ପାଇଁ ଜାତିସଂଘ ପ୍ରଶଂସାର ହକ୍‌ଦାର ବୋଲି ସେ କହିଥିଲେ।

ପରିବେଶବିତ୍ ଉପେନ୍ଦ୍ର ରାଉତ, ଅନୁଷ୍ଠାନର ରାଜ୍ୟ ସମ୍ପାଦକ କବି ବାହାଦୁର ପାଟସାହାଣୀ କହିଲେ, ଖାଦ୍ୟସଙ୍କଟ ଦୂର କରିବା ପାଇଁ ବିଶ୍ୱର ସମସ୍ତ ଦେଶକୁ କୃଷିକୁ ଅଗ୍ରାଧିକାର ଦେବା ଉଚିତ। ଶିକ୍ଷାବିତ୍ ଦୈତାରୀ ପରିଡ଼ା, ଅକ୍ଷୟ ଶତପଥୀ, ବିଚିତ୍ରାନନ୍ଦ ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ, ତାରାପ୍ରସାଦ ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଉମ୍ବରୁଧର ପଣ୍ଡା ସ୍ୱାଗତ ଭାଷଣ ଓ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଭାଲୁମୁଣ୍ଡା ଛକରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଲଟାବୁଦା ମାଡ଼ିଯାଇଛି। ଏହାକୁ ନେଇ ବାରମ୍ବାର ବିଦ୍ୟୁତ୍ ସମସ୍ୟା ସୃଷ୍ଟି ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ସଫା କରାଯାଉନାହିଁ। (ଫଟୋ: ନିଗମାନନ୍ଦ)

# ବିଦ୍ୟାଳୟରୁ ନାଗ ସାପ ଉଦ୍ଧାର

**ବାଲେଶ୍ୱର ଅଫିସ,୧୬।୧୦**

ବାଲେଶ୍ୱର ସହର ଏଡିଏମ୍ ଛକ ସ୍ଥିତ ପବ୍ଲିକ୍ ୟୁପି ସ୍କୁଲର ଶ୍ରେଣୀଗୃହ ଭିତରୁ ବୁଧବାର ଅପରାହ୍ନ ୩ଟା ସମୟରେ ଏକ ନାଗ ସାପ ଦେଖା ଯାଇଥିଲା। ଏହାକୁ ସ୍ନେକ୍ ହେଲ୍‌ପ ଲାଇନ୍‌ର ସହାୟତାରେ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡ଼ା ଯାଇଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୩ଟା ସମୟରେ ଶ୍ରେଣୀଗୃହରେ ସାପର ଗର୍ଜନ ଶୁଣି ଛାତ୍ରୀଛାତ୍ର ଡରିଯାଇ ବାହାରକୁ ପଳାଇ ଯାଇଥିଲେ। ପରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଦେଖି ସ୍ନେକ୍ ହେଲ୍‌ପ ଲାଇନ୍‌ର କାର୍ତ୍ତିକ ସେଠୀଙ୍କୁ ଖବର ଦେଇଥିଲେ। କାର୍ତ୍ତିକ ପହଞ୍ଚି ସାପଟିକୁ ଉଦ୍ଧାର କରିବା ସହ ବନବିଭାଗ ସହାୟତାରେ ଜଙ୍ଗଲରେ ଛାଡ଼ି ଥିବା କହିଛନ୍ତି।

■ନିଆରା ଢଙ୍ଗରେ ପାଳିଲେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ

# ରକ୍ତଦାନ କଲେ କର୍ମୀ

**ପରଜଙ୍ଗ, ୧୬।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀଙ୍କ ୭୪ତମ ଜନ୍ମଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି ନେତା ଏବଂ କର୍ମୀ। ଏହାକୁ ନେଇ ବୁଧବାର ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ରାମେଶ୍ୱର ହାଇସ୍କୁଲ ପଡ଼ିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ପ୍ରଭୁ ରାମେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବାସହ ଏକଶହ ଦୀପଦାନ କରାଯାଇଥିଲା। ଏହି ଅବସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ କର୍ମୀ ଏବଂ ସ୍ୱେଚ୍ଛାସେବୀମାନଙ୍କଠାରୁ ୧୦୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଡା. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଦେବୀପ୍ରସାଦ ପଟ୍ଟନାୟକ, ଇନ୍ଦ୍ରମଣି ଗଡ଼ନାୟକ, ବାସନ୍ତୀ କିଷାନ, ସସ୍ମିତା ବେହେରା, ମନୋଜ ସାହୁ, ପ୍ରିୟରଞ୍ଜନ ମାହନ୍ତ, ପବିତ୍ର ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏମ୍‌ପି ଗରିବଙ୍କୁ କମ୍ବଳ ଏବଂ ମଶାରି ବଣ୍ଟନ କରିଥିଲେ। ଲୋକ ସଭା ନିର୍ବାଚନମଣ୍ଡଳୀରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

■ଝଲସୁଛି ମହୁଲପାଳ

# ୯ ମଣ୍ଡପରେ ମା'ଙ୍କ ଆରାଧନା



ଚଷା ସାହି।



ହରପ୍ରିୟା ସାହି।

**କାମାକ୍ଷାନଗର, ୧୬।୧୦(ଡି.ଏନ୍.ଏ.)**

ଧନଦାତ୍ରୀଙ୍କ ଆଗମନକୁ ନେଇ ଉତ୍ସବମୁଖର ହୋଇଉଠିଛି କାମାକ୍ଷାନଗର ବ୍ଲକର ମହୁଲପାଳ। ୯ ମଣ୍ଡପରେ ଆନନ୍ଦ ଉଲ୍ଲାସର ସହ ମା'ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଉଛି। ମଣ୍ଡପରେ ଦିଅଁଦର୍ଶନ ଲାଗି ସନ୍ଧ୍ୟା ହେଲେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସହରର ଭ୍ରମ ସୃଷ୍ଟି କରୁଛି ଗାଁ ପରିବେଶ।

୧୯୬୫ରୁ ମହୁଲପାଳରେ ପାଳିତ ହୋଇ ଆସୁଛି ଲକ୍ଷ୍ମୀପୂଜା। ପ୍ରଥମେ ଗ୍ରାମର କେତେଜଣ ଯୁବତୀ କୁମାର ପୂର୍ଣ୍ଣିମା ବ୍ରତ ପାଳନ ଅବସରରେ ଲକ୍ଷ୍ମୀଙ୍କ ମୂର୍ତ୍ତି ତିଆରି କରି ପୂଜା କରିଥିଲେ। ସେତେବେଳକୁ ମୂର୍ତ୍ତି ରଙ୍ଗ କରିବାକୁ ସେତେଟା ସୁବିଧା ନ ଥିଲା। ସେମାନେ ନଡ଼ିଆ ସଢେଇ ପୋଡ଼ି ସେଥିରୁ ରଙ୍ଗ ପ୍ରସ୍ତୁତ କରି ମୂର୍ତ୍ତିକୁ ରଙ୍ଗାଇଥିଲେ। ଝିଅମାନଙ୍କ ଆଗ୍ରହକୁ ଦେଖି କରଣ ସାହିର କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଧିବଦ୍ଧ ଭାବେ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ମଝି ସାହି, ତଳ ସାହି, ଉପର ସାହି, ହରପ୍ରିୟା ସାହି, ଚଷା ସାହି, ଶବର ସାହି, ଦଳିତ ସାହି, ମଠ ସାହି, ବୀରଭଦ୍ରପୁର ବାଉଁଶକଣ ସାହିରେ ପ୍ରତିଯୋଗିତାମୂଳକ ଭାବେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

ସୁନ୍ଦର ମୂର୍ତ୍ତି ସାଙ୍ଗକୁ ଗ୍ରାମର ଗଳିକନ୍ଦିରେ ଉଜ୍ଜ୍ୱଳ ଆଲୋକ, ତୋରଣ ଇନ୍ଦ୍ରପୁରୀର ଭ୍ରମ ସୃଷ୍ଟି କରିଛି। ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟରାସ୍ତା କଡ଼ରେ ଗାଁ ଥିବାରୁ ଦୈନିକ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହେଉଛି। ଆସନ୍ତା ୨୩ ତାରିଖରେ ମିଳିତ ଭସାଣି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ମେଲଣ କାର୍ଯ୍ୟକ୍ରମ ରହିଛି। ଗ୍ରାମ ପରିକ୍ରମା କରିବା ପରେ ରାମିଆଳ ନଦୀରେ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଗୁରୁବାର ମା'ଙ୍କ ବଡ଼ପୂଜା। ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବ। ଏଥିଲାଗି କମିଟିର ସମସ୍ତ ସଦସ୍ୟ ଲାଗିପଡ଼ିଛନ୍ତି।



କରଣସାହି।



ମଠସାହି।



ତଳସାହି।

